# Official Spokesperson's response to queries on the recent media report quoting a Chinese Foreign Ministry statement regarding China’s position on the LAC

September 29, 2020

---

# ଏଲଏସି ରେ ଚୀନ ର ସ୍ଥିତି ବିଷୟରେ ଚୀନର ବୈଦେଶିକ ମନ୍ତ୍ରୀଙ୍କର ବକ୍ତବ୍ୟ ସମ୍ବନ୍ଧରେ ହାଲରେ ମିଡ଼ିଆ ରିପୋର୍ଟରେ ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ଉପରେ ସରକାରୀ ପ୍ରବକ୍ତାଙ୍କର ପ୍ରତିକ୍ରିୟା

29 ସେପ୍ଟେମ୍ବର 2020

**ପ୍ରକୃତ ନିୟନ୍ତ୍ରଣ ରେଖା (LAC)ରେ ଚୀନର ସ୍ଥିତି ସମ୍ପର୍କରେ ଚୀନ ଦେଶର ବିଦେଶ ମନ୍ତ୍ରାଳୟର ଏକ ଉକ୍ତିକୁ ଉଦ୍ଧୃତ କରୁଥିବା ସାମ୍ପ୍ରତିକ ମିଡିଆ ରିପୋର୍ଟ ଉପରେ ପ୍ରଶ୍ନର ଉତ୍ତରରେ, ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତି:**

ଭାରତ-ଚୀନ ସୀମାନ୍ତ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା (LAC)ରେ ଚୀନର ସ୍ଥିତି ସମ୍ପର୍କରେ ଚୀନ ଦେଶର ବୈଦେଶିକ ମନ୍ତ୍ରାଳୟର ଏକ ଉକ୍ତିକୁ ଉଦ୍ଧୃତ କରୁଥିବା 29 ସେପ୍ଟେମ୍ବରର ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଆମ ଦୃଷ୍ଟିକୁ ଆସିଅଛି ।

ଭାରତ କେବେ ବି 1959 ମସିହାରେ ଏକପାଖିଆଭାବେ ନିର୍ଦ୍ଧାରିତ ସେହି ତଥାକଥିତ ପ୍ରକୃତ ନିୟନ୍ତ୍ରଣ ରେଖା (LAC)କୁ ସ୍ୱୀକାର କରିନାହିଁ । ଏହି ସ୍ଥିତି ବହୁ ଦିନ ଧରି ବଳବତ୍ତର ଅଛି ତଥା ଚୀନ ଦେଶ ସମେତ ସବୁଠାରେ ଜଣାଶୁଣା ।

ଆହୁରି ମଧ୍ୟ, 1993 ମସିହାର ଏଲଏସି (LAC)ରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ଚୁକ୍ତି, 1996 ମସିହାର ସାମରିକ କ୍ଷେତ୍ରରେ ଭରସା ବୃଦ୍ଧି (CBMs) ପାଇଁ ଚୁକ୍ତି, 2005 ମସିହାର ସିବିଏମ୍ (CBMs)ର କାର୍ଯ୍ୟାନ୍ୱୟନ ପାଇଁ ପ୍ରୋଟୋକଲ୍, 2005 ମସିହାର ଭାରତ-ଚୀନ ସୀମା ପ୍ରଶ୍ନର ସମାଧାନ ପାଇଁ ରାଜନୈତିକ ରୂପରେଖ ଓ ମାର୍ଗଦର୍ଶୀ ନୀତି ସମେତ ଅନେକ ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ, ଉଭୟ ଭାରତ ଓ ଚୀନ, ଏଲଏସି (LAC)ର ବିନ୍ୟାସକୁ ନେଇ ସହମତିରେ ପହଞ୍ଚିବାକୁ ଏଲଏସି (LAC)ର ସ୍ପଷ୍ଟୀକରଣ ଓ ଦୃଢ଼ୀକରଣ ପାଇଁ ପ୍ରତିଶୃତିବଦ୍ଧ। ବାସ୍ତବରେ, 2003 ମସିହା ଯାଏଁ ଦୁଇ ପକ୍ଷ ଏଲଏସି (LAC)କୁ ସ୍ପଷ୍ଟ ଓ ଦୃଢ଼ କରିବା ପାଇଁ ଏକ ଅଭ୍ୟାସରେ ନିୟୋଜିତ ଥିଲେ, କିନ୍ତୁ ଚାଇନା ପକ୍ଷ ଏ ଦିଗରେ ଆଗ୍ରହ ନ ଦେଖାଇବାରୁ ସେହି ପ୍ରକ୍ରିୟା ଆଉ ଆଗକୁ ବଢ଼ିପାରିନଥିଲା।

ତେଣୁ, ବର୍ତ୍ତମାନ ସେହି ଗୋଟିଏ ଏଲଏସି (LAC) ଥିବା ନେଇ ଚୀନର ଜିଦ୍ ଏହି ସବୁ ଚୁକ୍ତିରେ ସେ ଦେଇଥିବା ପ୍ରତିଶ୍ରୁତିର ବିପରୀତ।

ଯେପରିକି ଆମେ ପୂର୍ବରୁ ସ୍ପଷ୍ଟ କରିଅଛୁ, ଭାରତୀୟ ପକ୍ଷ ସର୍ବଦା ଏଲଏସି (LAC)କୁ ସମ୍ମାନ ଦେଖାଇଛି ଏବଂ ମାନିଆସିଛି । ସମ୍ପ୍ରତି, ମାନନୀୟ ରକ୍ଷାମନ୍ତ୍ରୀ ସଂସଦରେ ଦେଇଥିବା ବକ୍ତବ୍ୟ ଅନୁସାରେ, ଚାଇନା ପକ୍ଷ ପଶ୍ଚିମ ସେକ୍ଟରର ବିଭିନ୍ନ ସ୍ଥାନରେ ଏଲଏସି (LAC)ର ଉଲ୍ଲଂଘନ ପାଇଁ ଉଦ୍ୟମ କରି ଏକପାଖିଆ ଭାବରେ ସ୍ଥିତାବସ୍ଥା ବଦଳାଇବାକୁ ପ୍ରଚେଷ୍ଟା କରୁଅଛି ।

ଗତ କିଛି ମାସରେ ଚାଇନା ପକ୍ଷ ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ, ସୀମାର ବର୍ତ୍ତମାନ ସ୍ଥିତିର ସମାଧାନ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତଚୁକ୍ତିଗୁଡ଼ିକ ଅନୁଯାୟୀ ହେବା ଉଚିତ । 10 ସେପ୍ଟେମ୍ବରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ତାଙ୍କର ଚାଇନା ପ୍ରତିପକ୍ଷଙ୍କ

ମଧ୍ୟରେ ହୋଇଥିବା ରାଜିନାମାରେ ମଧ୍ୟ ଚାଇନା ପକ୍ଷ ପ୍ରଚଳିତ ସମସ୍ତ ଚୁକ୍ତିକୁ ମାନିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।

ତେଣୁ ଆମେ ଆଶାକରୁ ଯେ, ଚାଇନା ପକ୍ଷ ନିଷ୍ଠାପର ଓ ବିଶ୍ୱସ୍ତ ଭାବରେ ସମସ୍ତ ଚୁକ୍ତି ଓ ବୁଝାମଣାର ସର୍ବୋତଃ ଭାବେ ପାଳନ କରିବ ଏବଂ ଏଲଏସି (LAC)ର ଏକ ଅସମୀଚୀନ ତଥା ଏକପାଖିଆ ବ୍ୟାଖ୍ୟାରୁ ନିବୃତ ହେବ ।

**ନୂଆ ଦିଲ୍ଲୀ**
**29 ସେପ୍ଟେମ୍ବର 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.